# ୭ ସେପ୍ଟେମ୍ବର ୨୦୧୮ ଖୁତବା ଜୁମାର ସାରାଂଶ
## ସ୍ଥାନ-ମସଜିଦ୍ ବୟତୁଲ୍ ଫୁତୁହ୍,ଲଣ୍ଡନ୍

**(୧) ପ୍ରତ୍ୟେକ ଅହମଦକୁ ଏହ କଥାଟି ଦୃଢମନ ହୋଇ ମନେରଖିବା ଉଚତ୍ ଯେ, ଏହ ଜଲସାଟି ସଂପୂର୍ଣ୍ଣରୂପେ ବା ନଷ୍କେବଳ ଆଧାତ୍ମିକ ଉଦ୍ଦେଶ୍ୟ ପାଇଁ ହିଁ ସ୍ଥିରୀକୃତ ହୋଇଛି। ଏହାର ଆୟୋଜନ ଏଇଥିପାଇଁ କରଯାଏ ଯେ, ଆମେମାନେ ଯେପର ତକ୍ୱାରେ ଉନ୍ନତ କରୁ ଏବଂ ଆମର ଈଶ୍ୱରଙ୍କ ସହତ ସଂପର୍କ ସ୍ଥାପନ ହେଉ,ଆମେମାନ ଏହ ମାର୍ଗରେ ପରଚାଳତ ହୋଇ ଉତ୍ତରୋତ୍ତର ପଥରେ ଆଗେଇ ଯାଉ।**

**(୩) ଆଗନ୍ତୁକ ଅତଥିମାନଙ୍କୁ ସର୍ବଦା ଏହ କଥା ମନେରଖିବା ଉଚତ୍ ଯେ, ସେମାନେ ଜଲସାରେ ଏହ ମନୋଭବ ନେଇ ଅଂଶ ଗ୍ରହଣ କରବେ ଯେ, ସେମାନେ ନଜ ହୃଦୟରେ ଯେପର ତକ୍ୱା ସୃଷ୍ଟି କରବେ ଏବଂ ନଜର ଜ୍ଞାନାତ୍ମକ, ବ୍ୟାବହାରକ ଏବଂ ଆଧାତ୍ମିକ ଅବସ୍ଥାକୁ ଉତ୍ତମରୂପେ ପରମାର୍ଜିତ କରପାରବେ । ଠିକ ସେହପର ଯଦ ଜଲସାରେ କର୍ମରତ ଥିବା କର୍ମୀମାନେ ଏହ ଉଦ୍ଦେଶ୍ୟ ନେଇ ବା ମନୋଭବ ରଖି ସେବା କରବେ ତାହାହେଲେ କୌଣସି ପ୍ରକାରର ବୈରାଗ୍ୟ, ଦ୍ୱନ୍ଦ୍ୱ, ଦ୍ୱେଷ, ଆପତ୍ତି, ଅଭଯୋଗ ସେମାନଙ୍କ ବରୁଦ୍ଧରେ ଆଦୌ ଶୁଣିବାକୁ ମିଳବ ନାହିଁ ଏବଂ ଏପର ଉତ୍କଟ ପରସ୍ଥିତ ଉପୁଜବ ନାହିଁ ।**

*(୨) ମୁଁ ଜଲସା ସାଲାନାରେ କର୍ମରତ ଥିବା କର୍ମୀମାନଙ୍କୁ ତଥା ଅତଥି ସତ୍କାରକମାନଙ୍କର ଦୃଷ୍ଟି ଆକର୍ଷଣ କର କହୁଅଛି ଯେ, ସେମାନେ ନଜର ବକ୍ତୃତାତ୍ମକ ମନୋଭବନାକୁ ନଜ ଆୟତ୍ତାଧୀନ କର ରଖନ୍ତୁ । ସେ ଯେକୌଣସି ପରସ୍ଥିତ ଉପୁଜୁ ନା କାହିଁକ ଆମାମାନଙ୍କୁ ଅତଥିମାନଙ୍କର ସତ୍କାର ତଥା ତାଙ୍କ ପ୍ରତ ଯତ୍ନବାନ ସଚେତତ ରହବା ଉଚତ୍, ତାଙ୍କ ପ୍ରତ ବନୀତ, କୋମଳ ତଥା ବନୟ ବଚନ ବ୍ୟବହାର କରବା ଦରକାର୍ ଏବଂ ସେମାନଙ୍କ ପ୍ରତ ବନମ୍ରତାଭବ ପ୍ରଦର୍ଶନ କରବା ଉଚତ୍।*

ତଶହୁଦ୍ ତାଉଜ୍ ଏବଂ ସୁରା ଫାତିହାର ଆବୃତ୍ତି କରିବା ପରେ ହୁଜୁର୍ ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବେନସ୍ରେଃହିଲ୍ ଅଜିଜ୍ କହିଲେ ଯେ,ଅଲହମ୍‌ଦୁ ଲିଲ୍ଲାଃ ଆଜିଠାରୁ ଜମାତେ ଅହମଦିୟାଃ ଜର୍ମାନୀରେ ଜଲସା ସାଲାନାର ଶୁଭାରମ୍ଭ ହେଉଅଛି ଏବଂ ଏହି ଜଲସାରେ ଶାମିଲ୍ ହେବା ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ତଥା ସୌଭାଗ୍ୟ ପ୍ରଦାନ କରିଅଛନ୍ତି । ଏହି ପରିପ୍ରେକ୍ଷୀରେ ମୁଁ ଏହା କହିଦେବା ଉଚିତ୍ ବୋଲି ମନେକରୁଅଛି ଏହି ଜଲସା ସାଲାନାଟି କ'ଣ ? ଏହି ଜଲସା ସାଲାନାର ଉଦ୍ଦେଶ୍ୟ ତଥା ଆୟୋଜନ ସଂପର୍କରେ ହଜ଼ରତ୍ ମସିଃ ମଉଦ୍ (ପ୍ରତିଶୃତ ମସିଃ ମଉଦ୍) ଅ.ସ ଏହା ଉଲ୍ଲେଖ କରି କହିଛନ୍ତି ଯେ, ଏହା କୌଣସି ସାଧାରଣ ସାଂସାରିକ ମେଳା ନୁହେଁ ଏବଂ ନା ଏଠାରେ ଏକତ୍ରିତ ହେବାରେ କୌଣସି ସାଂସାରିକ ଉଦ୍ଦେଶ୍ୟ ନିହିତ ରହିଛି, ନା ନିଜର (ଅର୍ଥାତ୍ ଆମ ଜମାତର) ସଂଖ୍ୟାଗରିଷ୍ଠତା ପ୍ରଦର୍ଶନ କରିବାର କୌଣସି କାରଣ ରହିଛି କିମ୍ବା ସଂସାର ଉପରେ ଏହାର କୌଣସି ସାଂସାରିକ ପ୍ରଭାବ ବିସ୍ତାର କରିବାର କୌଣସି ପ୍ରୟାସ ରହିଛି ବରଂ ଏଠାରେ ଏକତ୍ରିତ ହେବାକୁ ଯାଉଥିବା ଲୋକମାନଙ୍କୁ କେବଳ ଈଶ୍ୱରଙ୍କ ସାନ୍ନିଧ୍ୟଲାଭର ମନୋଭାବ ନେଇ ଅଂଶଗ୍ରହଣ କରିବା ଉଚିତ୍ । ଅର୍ଥାତ୍ ଆମେମାନେ ଯେଉଁଠି ନିଜର ଜ୍ଞାନାତ୍ମିକ ଓ ଆଧ୍ୟାତ୍ମିକ ରୂପକ ପିପାସାକୁ ମେଣ୍ଟାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ନିଜକୁ ଅନ୍ତର୍ଭୁକ୍ତ କରି ଏବଂ ତତ୍ ସହିତ ନିଜର ଜ୍ଞାନ ଏବଂ ଅଧ୍ୟାତ୍ମ ଅବସ୍ଥାରେ ଉନ୍ନତି ଆଣିବାରେ ସକ୍ଷମ ହୋଇପାରିବୁ ସେଠାରେ ଈଶ୍ୱରଙ୍କ ଭକ୍ତମାନଙ୍କ ପ୍ରତି କର୍ତ୍ତବ୍ୟ ବା ଅଧିକାର ସଠିକ୍ ରୂପେ ତୁଲାଇବା ପାଇଁ ଉଦ୍ୟମରତ ହେବା ଦରକାର। କିନ୍ତୁ ମୋତେ ଅତ୍ୟନ୍ତ ଦୁଃଖର ସହିତ ଏହି କଥାଟି କହିବାକୁ ପଡୁଛି ଯେ, ଏହି ଜଲସାରେ କେତେକ ଲୋକ ଯୋଗ ତ ଦେଇଥାଆନ୍ତି ହେଲେ ସେମାନେ ଏହି ଜଲସାରେ ନିଜର କେତେକ ସାଙ୍ଗସାଥୀ ମାନଙ୍କ ସହିତ ଦେଖା ସାକ୍ଷାତ୍ କରି ଏବଂ କିଛି ଗୁଲିଖଚି କଥାବାର୍ତ୍ତା କରିବା ଛଡ଼ା ଏହି ଜଲସାରୁ ଆଉ କିଛି ହାସଲ କରନ୍ତି ନାହିଁ । ପୁନଶ୍ଚ ଏପରି ଲୋକମାନଙ୍କ ଦ୍ୱାରା କେତେକ ସମସ୍ୟାମାନ ଏବଂ ଉତ୍କଟ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ । ଯଦ୍ୱାରାକି କେତେକ ଯୁବପିଢ଼ୀମାନେ ଓ ଛୋଟପାଲିମାନେ ବାଟବଣା ହୋଇ ସେମାନଙ୍କର ପ୍ରଭୁତଃ କ୍ଷତି ସାଧନ ହୋଇଥାଏ । କେତେକ ଲୋକମାନେ ହୀନ, ଘୃଣ୍ୟ, ଅପ୍ରିତୀକର ଏବଂ ଅନୁଚିତ୍ ବ୍ୟବହାର ପ୍ରଦର୍ଶନ କରିଥାଆନ୍ତି ଏବଂ ଏହା ଭାବନ୍ତି ଯେ, ଆମକୁ କେହି ଦେଖୁ ନାହାନ୍ତି । କିନ୍ତୁ ସେମାମନଙ୍କୁ ସର୍ବଦା ମନେରଖିବା ଉଚିତ୍ ଯେ,ସର୍ବତ୍ର ବିଦ୍ୟମାନ ରୂପୀ ଈଶ୍ୱର ସର୍ବଦା ସେମାନଙ୍କ ଉପରେ ନିଜର ଦୂରଦୃଷ୍ଟି ରଖି ଅଛନ୍ତି ଏବଂ ସେମାନଙ୍କୁ ଦେଖୁଅଛନ୍ତି । ଅତଃ ସର୍ବପ୍ରଥମ କଥାଟି ଯାହା ସଂପର୍କରେ ମୁଁ ଆଜି କହିବାକୁ ଯାଉଅଛି ତାହାହେଲା ଯେ,ପ୍ରତ୍ୟେକ ବ୍ୟକ୍ତିକୁ ଦୃଢ଼ରୂପେ ଏହା ସ୍ମରଣ ରଖିବା ଉଚିତ୍ ଯେ, ଏହି ଜଲସାଟି ନିଷ୍କେବଳ ଆଧ୍ୟାତ୍ମିକ ଉଦ୍ଦେଶ୍ୟ ପାଇଁ ହିଁ ସ୍ଥିରୀକୃତ ହୋଇଛି । ଏହାର ଆୟୋଜନ ଏଇଥିପାଇଁ କରାଯାଏ ଯେ, ଆମେମାନେ ଯଥାସମ୍ଭବ ତକ୍ୱାରେ ଉନ୍ନିତ କରୁ ଏବଂ ଆମର ଯଥାସମ୍ଭବ ଈଶ୍ୱରଙ୍କ ସହିତ ସୁସଂପର୍କ ସ୍ଥାପନ ହେଉ,ଆମେମାନ ଏହି ମାର୍ଗରେ ପରିଚାଳିତ ହୋଇ ଉତ୍ତରୋତ୍ତର ପଥରେ ଆଗେଇ ଯାଉ । ହଜ଼ରତ୍ ମସିଃ ମଉଦ୍ ଅ.ସ ଜଲସା ସାଲାନାର ଅଭିପ୍ରାୟ ଏବଂ ଉଦ୍ଦେଶ୍ୟ ତକ୍ୱା ବୋଲି ମତ ପ୍ରଦାନ କରିଛନ୍ତି ଏବଂ ତକ୍ୱା ସଂପର୍କରେ ସେ ନିଜର ସଂପ୍ରଦାୟକୁ ଉପଦେଶ ଦେଇ କହନ୍ତି ଯେ,ପ୍ରତ୍ୟେକ ପୁଣ୍ୟର ମୂଳଦୁଆ ତକ୍ୱା ଅଟେ । ତକ୍ୱାର ଅର୍ଥ ହେଲା ପ୍ରତ୍ୟେକ ସୂକ୍ଷ୍ମାତିସୂକ୍ଷ୍ମ ପାପରୁ ନିଜକୁ ନିବୃତ୍ତ ରଖିବା । ଯଦି କୌଣସି ବିଷୟରେ ଆମେ ଏହା ଆଶଙ୍କା କରୁ ଯେ ଏହା କଲେ ଯଦି ତାହା ପାପ ବୋଲି ବିବେଚିତ ହେବ ତାହାହେଲେ ସେହି ପାପକର୍ମରୁ ନିଜକୁ ନିବୃତ୍ତ ରଖିବା ଉଚିତ୍ । ହୁଜୁରେ ଅନୱର୍ କହିଲେ ଯେ,

ଯଦି ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତି ନିଜର ନିରୀକ୍ଷଣ କରିବ ତାହାହେଲେ ଯାଇ ସେ ନିଜ ଦୋଷଦୁର୍ବଳତାର ମୂଲ୍ୟାୟନ କରିପାରିବେ । ସୁତରାଂ ଉପରୋକ୍ତ ପରିଭାଷା ଅନୁଯାୟୀ ଆମେମାନେ ପାପଠାରୁ ନିଜକୁ ନିବୃତ୍ତ ରଖିବା ପାଇଁ କେତେଦୂର ପର୍ଯ୍ୟନ୍ତ ସକ୍ଷମ ହୋଇପାରିଛୁ ତଥା ପ୍ରଚେଷ୍ଟା କରିଛୁ ? ଏବଂ ଯଦି କୌଣସି ବିଷୟ ସମ୍ବନ୍ଧରେ ଆମେ ଏହା ଆଶଙ୍କା କରୁ ଯେ ଏହା କଲେ ପାପ ବୋଲି ବିବେଚିତ ହେବେ ତାହାହେଲେ ସେହି ପାପକର୍ମରୁ ନିଜକୁ ନିବୃତ୍ତ ରଖିବା ପାଇଁ ଆମେ କେତଦୂର ସକ୍ଷମ ହୋଇପାରିଛୁ ? ଅନ୍ୟଥା ଭାଷଣ ଶୁଣିବା ଓ ସାମାୟିକ ଉତ୍ସାହ ତଥା ଆବେଗ ପ୍ରଦର୍ଶନ କରିବା ଏବଂ ନାରା ଅର୍ଥାତ୍ ଶ୍ଲୋଗାନ ଦେବାର କୋଣସି ଯଥାର୍ଥତା ନାହିଁ । ଏ ସବୁ ନିରର୍ଥକ ବା ମୂଲ୍ୟହୀନ ଅଟେ ।

ହଜ଼ରତ୍ ମସିଃ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଯେ, ମୁତ୍ତକି ଉପରେ ତକ୍ୱାର ପ୍ରଭାବ ମର୍ତ୍ତ୍ୟାଲୋକରେ ହିଁ ପ୍ରାରମ୍ଭ ହୋଇଯାଇଥାଏ । ଯେପରି ଶରୀର ଉପରେ ବିଷର ପ୍ରଭାବ ଖୁବ୍ ଶୀଘ୍ର ଦେଖିବାକୁ ମିଳିଥାଏ । ଠିକ୍ ସେହିପରି ବିଷହର ବା ବିଷନାଶକର ପ୍ରଭାବ ମଧ୍ୟ ଶରୀର ଉପରେ ଖୁବ୍ ଶୀଘ୍ର ଦେଖିବାକୁ ମିଳିଥାଏ । ହୁଜୁରେ ଅନୱର୍ କହିଲେ ଏହା ଆଦୌ ସମ୍ଭବ ହୋଇପାରିବ ନାହିଁ ଯେ, ମନୁଷ୍ୟ ତକ୍ୱାର ମାର୍ଗରେ ନିଜକୁ ପରିଚାଳିତ କରୁଥିବ ହେଲେ ସେହି ତକ୍ୱାର ପ୍ରଭାବ ତା ଉପରେ ଦେଖିବାକୁ ମିଳୁ ନଥିବ । ତେଣୁ ତକ୍ୱାର ମାର୍ଗରେ ନିଜକୁ ପରିଚାଳିତ କରୁଥିବା ବ୍ୟକ୍ତି କେବେହେଲେ ଖରାପ ମାର୍ଗ ଆଡ଼କୁ ଅଗ୍ରଗାମୀ ହୋଇପାରିବ ନାହିଁ ।

ହଜ଼ରତ୍ ମସିଃ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଯେ, ମୁଁ ଏହି ସବୁ କଥା ବାରମ୍ବାର ଏଇଥିପାଇଁ କହୁଛି ଯେ, ଅଲ୍ଲାଃତାଲା ଯେଉଁରୂପରେ ଏହି ସଂପ୍ରଦାୟକୁ ଗଢ଼ିବାକୁ ଚାହୁଁଛନ୍ତି ତେବେ ଏହାର ପ୍ରଚ୍ଛେଦ ପଟରେ ଏହି ଅଭିପ୍ରେତ ତଥା ଉଦ୍ଦେଶ୍ୟ ରଖି ଅଛନ୍ତି ଯ,ଇଶ୍ୱରଙ୍କର ଯେଉଁ ବାସ୍ତବ ପରିଚୟଟି ଭୁପୃଷ୍ଠରୁ ନିଶ୍ଚିହ୍ନ ହୋଇଯାଇଥିଲା ତାହା ପୁନର୍ବାର ଭୁପୃଷ୍ଠରେ ସ୍ଥାପିତ ହେଉ । ହୁଜୁରେ ଅନୱର୍ କହିଲେ ଯେ, ତେଣୁ ଯେଉଁ ବ୍ୟକ୍ତି ଅଲ୍ଲାଃତାଲଙ୍କ ଇଚ୍ଛାନୁଯାୟୀ ତକ୍ୱା ଏବଂ ହୃଦୟର ପବିତ୍ରତାକୁ ବଜାୟ ରଖିବା ପାଇଁ ଉଦ୍ୟମ କରିବ ସେହି ବ୍ୟକ୍ତି ହିଁ ସଫଳ ହେବ । ସେହି ବ୍ୟକ୍ତି ଜଣକ ହଜ଼ରତ୍ ମସିଃ ମଉଦ୍ ଅ.ସଙ୍କ ଦୃଷ୍ଟିରେ ପ୍ରକୃତ ଅହମଦି ବୋଲି ପରିଚିତ ହେବ ଏବଂ ସେହି ବ୍ୟକ୍ତି ହିଁ ଏହି ଜଲସାର ଅଭିପ୍ରାୟକୁ ସଫଳଭାବେ ରୂପାୟିତ କରିବାରେ ସହାୟକ ହୋଇପାରିବ ।

ହୁଜୁରେ ଅନୱର୍ କହିଲେ; ଜଲସାରେ ସମ୍ମିଳିତ୍ ହେବାକୁ ଥିବା ଉଭୟ ବର୍ଗଙ୍କୁ ଏହି ମାପଦଣ୍ଡ ଅନୁଯାୟୀ ଅର୍ଥାତ୍ ଯେଉଁମାନେ ଅତିଥି ସତ୍କାରକ ଅଟନ୍ତି ସେମାନେଙ୍କୁ ବି ଏବଂ ଯେଉଁମାନେ ଅତିଥି ଅଟନ୍ତି ସେମାନେଙ୍କୁ ମଧ୍ୟ ଉପରୋକ୍ତ କଥା ଅନୁଯାୟୀ ନିଜକୁ ପରଖିବାକୁ ହେବ । ଯଦି ଏହି ଦୁଇ ବର୍ଗଙ୍କ ମଧ୍ୟରେ ତକ୍ୱା ବିଦ୍ୟମାନ ହେବ ତେବେ ସେଠାରେ ଉପରୋକ୍ତ ବିଶେଷତା ଗୁଡ଼ିକ ପରିଲକ୍ଷିତ ହେବ । ତେଣୁ ଏହି ଉଦାହରଣ ଅନୁଯାୟୀ ମୁଁ ଉଭୟ ବର୍ଗଙ୍କୁ ସେମାନଙ୍କର ଦାୟୀତ୍ୱବୋଧ କରାଇ ଏଥି ପ୍ରତି ଧ୍ୟାନ ଆକର୍ଷଣ ତଥା ସଚେତିତ କରିବାକୁ ଚାହୁଁଛି । ତେଣୁ ଯଦି ଉଭୟ ଗୋଷ୍ଠୀ ବା ବର୍ଗଙ୍କ ମଧ୍ୟରେ ଏହି ବିଶେଷତା ସୃଷ୍ଟି ହୋଇଯାଏ ତେବେ ଜଲସାରେ ଏକପ୍ରକାରର ସୁଖକର ତଥା ସୌନ୍ଦର୍ଯ୍ୟାତ୍ମକ ପରିବେଶ ସୃଷ୍ଟି ହେବ ଏବଂ ଏଥି ସହିତ ଜଲସାରେ ଆସିବାର ଉଦ୍ଦେଶ୍ୟ ମଧ୍ୟ ସାଫଲ୍ୟ ମଣ୍ଡିତ ହେବ । ସୁତରାଂ ମୁଁ ସର୍ବପ୍ରଥମେ ସେବାରତ କର୍ମୀମାନଙ୍କୁ ଓ ଅତିଥିସତ୍କାରକମାନଙ୍କର ଧ୍ୟାନାକର୍ଷଣ କରି କହୁଛି ଯେ,ସେମାନେ ନିଜ ଭିତରେ ଉପରୋକ୍ତ ବିଶେଷତା ଗୁଡ଼ିକୁ ବିଶେଷରୂପେ ସୃଷ୍ଟି କରିବା ପାଇଁ ଅନ୍ତତଃ ଚେଷ୍ଟା କରନ୍ତୁ । ନିଜର ବିକୃତାତ୍ମକ ମନୋଭାବନାକୁ ନିଜ ଆୟତ୍ତାଧୀନ କରି ରଖନ୍ତୁ । ଏହି ପରିପ୍ରେକ୍ଷୀରେ ଯଦି ଏପରି କୌଣସି ପରିସ୍ଥିତି ଉପୁଜେ ତାହାହେଲେ ଆମାମାନଙ୍କୁ ଅତିଥିମାନଙ୍କର ସତ୍କାର ଓ ଆତିଥ୍ୟତା ତଥା ତାଙ୍କ ପ୍ରତି ଯତ୍ନବାନ ଏବଂ ସଚେତିତ ରହିବା ଉଚିତ୍, ତାଙ୍କ ପ୍ରତି ସଦୟ, କୋମଳ ତଥା ବିନୀତ, ବିନୟ ବଚନ ବ୍ୟବହାର କରିବା ଦରକାର୍ ଏବଂ ସେମାନଙ୍କ ପ୍ରତି ବିନମ୍ରତାଭାବ ପ୍ରଦର୍ଶନ କରିବା ଉଚିତ୍ । ସୁତରାଂ ଉଚ୍ଚ ପଦାଧିକାରୀ ଏବଂ କର୍ମୀମାନଙ୍କର ସର୍ବାଦୌ କର୍ତ୍ତବ୍ୟ ହେଲା ଯେ, ସେମାନେ ଅତଥିମାନଙ୍କ ପ୍ରତି କୋମଳ, ବିନୀତ ବଚନ ବ୍ୟବହାର କରିବା ଉଚିତ୍ ଅର୍ଥାତ୍ ଏହି ଆପ୍ତ ବାକ୍ୟଟି ଯୁକ୍ତିଯୁକ୍ତ ଯେ**"କୋମଳ ବିନୟ ବଚନ କହ ତୋଷିବ ପ୍ରାଣୀମନ"**ଏବଂ ସେମାନଙ୍କ ପ୍ରତି ବିନମ୍ରତାଭାବ ପ୍ରଦର୍ଶନ କରିବା ଉଚିତ୍ । ସେ ଯେକୌଣସି ପରିସ୍ଥିତି ହେଉ ନା କାହିଁକି ସେମାନଙ୍କ ପ୍ରିତି ସର୍ବଦା ଯତ୍ନବାନ ହେବା ଉଚିତ୍ ।

ପୁନଶ୍ଚ ଅନ୍ୟ ଏକ ଦଷ୍ଟିକୋଣଟି ହେଲା ଯେ,ସେବାରତ କର୍ମୀମାନଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣାର ସଂପର୍କ । ତେଣୁ ଏଥିରେ ମଧ୍ୟ ପ୍ରେମ ଓ ନିଷ୍ଠାପରତା ତଥା ସଦଭାବନା ରହିବା ନିତାନ୍ତ ଆବଶ୍ୟକ । ଅର୍ଥାତ୍ ଅତିଥିମାନଙ୍କ ପାଇଁ ଏବଂ ପାରସ୍ପରିକ ସମ୍ପର୍କ ପାଇଁ ମଧ୍ୟ ଏହି ମନୋଭାବ ରହିବା ଉଚତ୍ । କାମ କଲାବେଳେ ଏବଂ ପରସ୍ପର ସହିତ କଥାବାର୍ତ୍ତା କଲାବେଳେ ଯଦି ସେମାନେ (ଅର୍ଥାତ୍ କର୍ମୀମାନେ) କ୍ରୋଧିତ ହୁଅନ୍ତି ତେବେ ଅତିଥିମାନଙ୍କ ଉପରେ ଏହାର କୁପ୍ରଭାବ ପଡ଼ିବ । କର୍ମୀମାନଙ୍କୁ ସର୍ବଦା ମନେରଖିବା ଉଚିତ୍ ଯେ,ଯେତେବେଳେ ସେମାନେ ନିଜକୁ କିଛିଦିନ ସେବା କରିବା ପାଇଁ ଉତ୍ସର୍ଗ କରିଦେଇଛନ୍ତି ଏବଂ ସେହି ସେବାଟି ଏକ ସର୍ବୋଚ୍ଚ ସ୍ଥିତି ରୂପେ ବିବେଚିତ  ଯାହାକି ହଜ଼ରତ୍ ମସିଃ ମଉଦ୍ ଅ.ସଙ୍କ ଅତିଥିମାନଙ୍କର ସେବା ଅଟେ । ସେତେବେଳେ ଏହି ପରିପ୍ରେକ୍ଷୀରେ ସେହି ସେବାରେ ନିଜର ଆଚରଣଗତ ବିଧିକୁ ଏପରି ଭାବେ ପରିମାର୍ଜିତ କରନ୍ତୁ ଯେମିତ କି କୌଣସି ଅତିଥିକୁ ଓ ନା କୌଣସି କର୍ମୀଙ୍କୁ ପୀଡ଼ା ବା କଷ୍ଟ ଏବଂ ଅସୁବିଧା ସହ୍ୟ କରିବାକୁ ପଡ଼ିବନି ।

ଅଲ୍ଲାଃତାଲା କୁରାନ କରିମରେ ଉଲ୍ଲେଖ କରିଛନ୍ତି (البقرة:84) قُوۡلُوۡا لِلنَّاسِ حُسۡنًا ଅର୍ଥାତ୍ ଲୋକମାନଙ୍କ ସହିତ ବିନୀତ ବ୍ୟବହାର କରିବ । ଉପରୋକ୍ତ କଥାକୁ ଅଲ୍ଲାଃତାଲା ଶିଷ୍ଟାଚାରର ମାନଦଣ୍ଡରୂପେ ପ୍ରତିଷ୍ଠା କରିବା ପାଇଁ ଆମମାନଙ୍କୁ କହିଛନ୍ତି । ଏହା ଏକ ସର୍ବସାଧାରଣ ନିର୍ଦ୍ଦେଶାବଳୀ ଅଟେ । ଜଣେ ମୋମିନ୍ ନିକଟରୁ ସର୍ବଦା ଏହି ସର୍ବୋଚ୍ଚ ଶିଷ୍ଟାଚାର ପ୍ରଦର୍ଶନ ହେବା ଆଶା ପୋଷଣ କରଯାଏ । କିନ୍ତୁ ସେହିଭଳି ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତି ପାଇଁ ଯେତେବେଳେ କି କର୍ମୀମାନେ ନିଜକୁ ଜଲସାର ଅତିଥିମାନଙ୍କ ପାଇଁ ପ୍ରସ୍ତୁତ ବା ଉତ୍ସର୍ଗ କରିଛନ୍ତି । ଦୁର୍ଭାଗ୍ୟବଶତାଃ ଯଦି କୌଣସି ବ୍ୟକ୍ତି କଟୁ ଶବ୍ଦ, ଅପଶବ୍ଦ ବା ବାକ୍ୟର ପ୍ରୟୋଗ କରିଦିଅନ୍ତି ଏବଂ ଅପଶବ୍ଦ ପ୍ରୟୋଗକାରୀ ବା କଥନକାରୀ ଏହା ଉପଲବ୍ଧି କରିବ ଯେ,କର୍ମୀମାନେ ଏହାର ଏତେ କୋମଳ ତଥା ବିନୀତଭାବେ ଏବଂ ଶିଷ୍ଟ ଢଙ୍ଗରେ ଉତ୍ତର ଦେଉଛନ୍ତି ସେତେବଳେ ଏହି ବ୍ୟାବାହିରିକ ଆଦର୍ଶ ସ୍ୱତଃସ୍ଫୂର୍ତ୍ତ ଭାବେ ଅନ୍ୟକୁ ତାହାର ଦୋଷବୋଧ କରାଇ

ବ୍ୟାବହାରିକ ରୂପେ ଶିକ୍ଷିତ କରାଇବାରେ ସହାୟକ ହେବ । ଆଁହଜ଼ରତ୍ ସ.ଅ କହିଲେ ଯେ, ଓଜନରେ ହୁସ୍ନେ ଅଖଲାକ୍(ଅର୍ଥାତ୍ ବିନମ୍ରତା ବା ଶିଷ୍ଟତା)ବ୍ୟତୀତ ଅଧିକ ଓଜନ ବହନକାରୀ ଅନ୍ୟ କୌଣସି ବସ୍ତୁ ନାହିଁ ।

ସୁତରାଂ ପ୍ରତ୍ୟେକ କର୍ମୀମାନଙ୍କୁ ପ୍ରଥମ କଥାକୁ ଶିରୋଧାର୍ଯ୍ୟ କରି ତଦନୁଯାୟୀ କାର୍ଯ୍ୟାନୁସରଣ କରିବା ଉଚିତ୍ ଏବଂ ଏହିପରି ଉପରୋକ୍ତ ସର୍ବୋଚ୍ଚ ଶିଷ୍ଟତା ସେହି ବ୍ୟକ୍ତିର ଆଦର୍ଶ ହେଉ । ତେଣୁ ଆପଣମାନେ ହୃଦୟଙ୍ଗମ କରିପାରିବେ ଯେ, ଏହା କେତେ ଶସ୍ତା ବ୍ୟାପାର । ଯଦି କୌଣସି ବ୍ୟକ୍ତି ଏହା କାରଣ ଦର୍ଶାଇ କହେ ଯେ, ଡ଼ିୟୁଟିର ବୋଝ ବା ଚାପ  ଯୋଗୁଁ ଅଥବା କୌଣସି ବ୍ୟକ୍ତିର ଅସଦାଚାରଣ ଯୋଗୁଁ ମୁଁ କ୍ରୋଧିତ ହୋଇଯାଇଥିଲି ସେପରିପ୍ରେକ୍ଷୀରେ ଆମକୁ ସର୍ବଦା ନିଜର ସ୍ୱାମୀନାଥ ଓ ସଂସ୍ଥାପକ ହଜ଼ରତ୍ ମହମ୍ମଦ୍ ରସୁଲୁଲ୍ଲାଃ ସ.ଅ ଆଡ଼କୁ ଦେଖିବାର ଆବଶ୍ୟକତା ରହିଛି ଯାହାଙ୍କ ବିଷୟରେ ଅଲ୍ଲାଃତାଲା କହିଲେ ଯେ,ସେ ତୁମମାନଙ୍କ ନିମନ୍ତେ ଉସ୍-ୱାଏ ହସନା ଅର୍ଥାତ୍ ଉତ୍ତମ ଚରିତ୍ରର ଏକ ଉଚ୍ଚ ଆଦର୍ଶରୂପେ ରହିଛନ୍ତି ଯାହାକୁ ଅନୁସରଣ କରିବା ଆମମାନଙ୍କର ସର୍ବାଦୌ କର୍ତ୍ତବ୍ୟ । ସଂସାରରେ ଏମିତି କୌଣସି ଦୁଃଖ, କଷ୍ଟ, ଯନ୍ତ୍ରଣା ନାହିଁ ଯାହାକି ରସୁଲୁଲ୍ଲାଃ ସ.ଅଙ୍କୁ ପହଞ୍ଚି ନାହିଁ ଅର୍ଥାତ୍ ହୁଜ଼ୁର୍ ସ.ଅ ଯାହାର ସମ୍ମୁଖୀନ ହୋଇ ନାହାନ୍ତି । କିନ୍ତୁ ଏହା ସତ୍ତ୍ୱେ ସାହାବା ର.ଅ ଉଲ୍ଲେଖ କରନ୍ତି ଯେ, ଆମେ ନବି କରିମ୍ ସ.ଅଙ୍କ ବ୍ୟତୀତ ଅନ୍ୟ କାହାରିକୁ ମଦୃଦୁହାସ୍ୟ ହସୁଥିବାର ଦେଖି ନାହୁଁ । ଏ ହେଉଛନ୍ତି ଆମର ସ୍ୱାମୀନାଥ ଓ ସଂସ୍ଥାପକ ଏବଂ ଯାହାଙ୍କର ଆଜ୍ଞାପାଳନ କରିବା ଆମର ଶିରୋଧାର୍ଯ୍ୟ । ଯାହାଙ୍କ ନାମ ହଜ଼ରତ୍ ମହମ୍ମଦ୍ ସ.ଅ ।

ହୁଜ଼ୁରେ ଅନୱରେ କହିଲେ : ହଜ଼ରତ୍ ମସିଃ ମଉଦ୍ ଅ.ସ ଯେକି ଆମମାନଙ୍କୁ ଅତିଥିମାନଙ୍କ ପ୍ରତି ବିନମ୍ରତା ତଥା ଶିଷ୍ଟତା ପ୍ରଦର୍ଶନ କରିବା ପାଇଁ ଉପଦେଶ ଦେଇଅଛନ୍ତି । ସେହି ଉପଦେଶ ଗୁଡ଼ିକୁ ମଧ୍ୟ ପ୍ରତ୍ୟେକ କର୍ମୀମାନଙ୍କୁ ନିଜର ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ । ହୁଜ଼ୁର୍ ଅ.ସ କହିଲେ ଅତିଥିର ହୃଦୟ ଆଇନା ପରି କୋମଳ ହୋଇଥାଏ । ଟିକିଏ ଆଘାତ ଲାଗିଲେ ତାହା ଭାଙ୍ଗି ଚୂରମାର ହୋଇଯାଇଥାଏ । ଅତିଥିମାନଙ୍କର ସେବା କରିବା ପାଇଁ ସତ୍କାରକାରୀମାନଙ୍କୁ ସାମନ୍ୟରୂପେ ନିର୍ଦ୍ଦେଶ ଦେଇ ହୁଜ଼ୁର୍ ଅ.ସ କହିଲେ ଯେ, ମେନରଖ ! ଅନେକ ଅତିଥିଗଣ ଆସିଛନ୍ତି ସେମାନଙ୍କ ମଧ୍ୟରୁ କେତେକଙ୍କୁ ତୁମେମାନେ ଚିହ୍ନିଛ ଏବଂ କେତେକଙ୍କୁ ଚିହ୍ନି ନାହଁ । ତେଣୁ ସମସ୍ତଙ୍କ ପ୍ରତି ସଦବ୍ୟବହାର ତଥା ସମ୍ମାନ ପ୍ରଦର୍ଶନ କରିବା ଏବଂ ଆତିଥ୍ୟତା କରିବା ଅନିର୍ବାର୍ଯ୍ୟ ଅଟେ । ତେଣୁ ଅତିଥିମାନଙ୍କର ସତ୍କାରରେ କୌଣସି ପ୍ରକାରର ବିଶେଷତା ଯେପରି ଅବଲମ୍ବନ କରା ନଯାଉ । ଏମିତି ନ ହେଉ ଯେ, ପରିଚିତ ଅତିଥିମାନଙ୍କ ସହିତ ସଦବ୍ୟବହାର ହେଉଥିବ ଏବଂ ଅପରିଚିତ ଅତିଥି ମାନଙ୍କ ସହିତ ସଠିକ୍ ବ୍ୟବହାର ହେଉ ନଥିବ ଅଥବା ଅପରିଚିତଙ୍କ ସହିତ ଶୁଷ୍କ ମନୋଭାବ ନେଇ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଥିବ । ତେଣୁ ଆଲୋଚ୍ୟ କଥା ଅନୁଯାୟୀ ନିଜର ଦାୟୀତ୍ୱକୁ ହୃଦୟଙ୍ଗମ କରନ୍ତୁ । ବିଶେଷକରି ଯେଉଁ ଅତିଥିମାନେ ଆମ ଜମାତ (ସଂପ୍ରଦାୟ) ବହିର୍ଭୂକ୍ତ ଅଟନ୍ତି ସେମାନ ଯଦି ଜଲସାକୁ ଆସନ୍ତି ତେବେ ସେ କ୍ଷେତ୍ରରେ ସେମାନଙ୍କ ପ୍ରତି ପ୍ରତ୍ୟେକ କର୍ମୀଙ୍କୁ ଏବଂ ପ୍ରତ୍ୟେକ ଅହମଦିଙ୍କୁ ଯେଉଁମାନେ କି ଜଲସାରେ ଶାମିଲ୍ ହେଉଛନ୍ତି ସେମାନେ ସେହି ଅତିଥିମାନଙ୍କ ନିକଟରେ ଇସଲାମର ସୌନ୍ଦର୍ଯ୍ୟରୂପୀ ଶିକ୍ଷାର ବ୍ୟାବହାରିକ ଉଦାହରଣମାନ ଦର୍ଶାଇ ପ୍ରଚାର ପ୍ରସାର ଦିଗରେ ଏକ ମାଧ୍ୟମ ସାବ୍ୟସ୍ତ ହୁଅନ୍ତୁ ।

ସୁତରାଂ ଉପରୋକ୍ତ ପନ୍ଥା ଅନୁଯାୟୀ ଆପଣମାନେ ସମସ୍ତେ ଏକପ୍ରକାରର ନୀରବ ତବଲିଗ୍ (ପ୍ରଚାର) କରୁଅଛନ୍ତି । ଜଲସାରେ ସମ୍ମିଳିତ ହୋଇଥିବା ଅହମଦି ଅତିଥିମାନେ ଏବଂ ଡ଼ିୟୁଟି ଦେଉଥିବା କର୍ମକର୍ତ୍ତମାନେ ମଧ୍ୟ ଏବଂ ପ୍ରତ୍ୟେକ ବିଭାଗରେ କର୍ମରତ ଥିବା କର୍ମୀମାନଙ୍କୁ ମନେରଖିବା ଉଚିତ୍ ଯେ, ସେମାନଙ୍କର ବିଭାଗଟି ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଦାୟୀତ୍ୱ ବହନ କରେ । ମୁଁ କହିଲି ଯେ,ଯେପରିକି ଟ୍ରାଫିକ ନିୟନ୍ତ୍ରଣର କାମ ରହିଛି କିମ୍ବା ପାର୍କିଙ୍ଗ ବିଭାଗର(ଅର୍ଥାତ୍ ମୋଟରଗାଡ଼ି ରଖିବା ପାଇଁ ଖୋଲା ଜାଗା)କାମ ରହିଛି,ରେଜିଷ୍ଟ୍ରେଶନ(ପଞ୍ଜିକରଣ) ଏବଂ ସ୍କାନିଙ୍ଗ୍(ଯାଞ୍ଚ କରୁଥିବା ଯନ୍ତ୍ର)ବିଭାଗ ରହିଛି କିମ୍ବା ରୋଷେଇଶାଳ କିମ୍ବା ଭୋଜନ ଖୁଆଇବାର ବିଭାଗ ରହିଛି,ସ୍ୱଚ୍ଛତା ଓ ପବିତ୍ରତାର ବିଭାଗ ରହିଛି,ନୀରବତା ଓ ଶୃଙ୍ଖଳା ରକ୍ଷା କରିବାର ବିଭାଗ ଆଦି ରହିଛି । ପ୍ରତ୍ୟେକ ବିଭାଗ କେବଳ ସେବା କରି ନଥାଏ ବରଂ ନୀରବରୂପେ ପ୍ରଚାର ମଧ୍ୟ କରିଚାଲିଥାଏ । ତେଣୁ ନିଜର ଡ଼ିୟୁଟିର ମହତ୍ତ୍ୱକୁ ବୁଝନ୍ତୁ ବା ହୃଦବୋଧ କରନ୍ତୁ । ଅତଃ ନୀରବତା ଓ ଶୃଙ୍ଖଳା ରକ୍ଷା କଲାବେଳେ ଏହା ଅବଶ୍ୟକ ହୋଇନଥାଏ ଯେ,ମୁଖମଣ୍ଡଳରେ କଠୋରତା ଆଣିଲେ ହିଁ ତାହାର ପ୍ରଭାବ ପଡ଼ିବ ତାହା ନୁହେଁ । ବିଶେଷକରି ନାରୀମାନଙ୍କ କ୍ଷେତ୍ରରେ U.K ଜଲସା ସାଲାନାରେ ଝିଅମାନେ ଶୃଙ୍ଖଳା ରକ୍ଷା କରିଥାଆନ୍ତି ଏବଂ ମୃଦୁହସ ହସି ସେହି ଝିଅମାନେ ଏହି ଶୃଙ୍ଖଳା ରକ୍ଷା କରିଥାଆନ୍ତି । ଏହିପରି ଶୃଙ୍ଖଳା ଭୋଜନ ଖୁଆଇବା ସ୍ଥଳୀରେ ମଧ୍ୟ ବିଶେଷରୂପେ ଧ୍ୟାନ ଦିଅନ୍ତୁ । ଯଦି କେହି ଅସମୟରେ ଭୋଜନ କରିବାକୁ ଚାଲିଆସେ ଓ ତାହାର କୌଣସି ସମସ୍ୟା ତଥା ବିବଶତା, ଅସୁବିଧା ରହିଛି ଯେପରିକି ସେ ରୋଗରେ ପ୍ରପିଡ଼ୀତ ଅଛି ଏବଂ ତାର ଛୋଟିଲା କାନ୍ଦୁଅଛି ଏବଂ ଜଣେ ବ୍ୟକ୍ତିର ସାହାଯ୍ୟ ଲୋଡ଼ା ରହିଛି । ତେବେ ସେ ପରିପ୍ରେକ୍ଷୀରେ ସେହିପରି ଅସହାୟ ସ୍ତ୍ରୀ ବା ବ୍ୟକ୍ତିଙ୍କର ଯଥା ସମ୍ଭବ ସାହାଯ୍ୟ କରନ୍ତୁ ନଚେତ୍ ବିନମ୍ରତାପୂର୍ବକ ପ୍ରସନ୍ନଚିତ୍ତ ହୋଇ ସେମନଙ୍କୁ ଉତ୍ତର ଦିଅନ୍ତୁ । ସେହିପରି ସ୍ନାନାଗୃହରେ ପୁରିଷ ଓ ସ୍ତ୍ରୀ ମାନଙ୍କର ପାଇଁ ଯେଉଁସବୁ ସ୍ୱଚ୍ଛତା ବ୍ୟବସ୍ଥାମାନ ରହିଛି ସେଠାରେ ମଧ୍ୟ ନିୟମ ପାଳନ କରନ୍ତୁ ଏବଂ ସ୍ନାନଗୃହକୁ ସ୍ୱଚ୍ଛ ରଖନ୍ତୁ ।

ଆଗନ୍ତୁକ ଅତିଥିମାନଙ୍କୁ ସର୍ବଦା ଏହି କଥା ମନେରଖିବା ଉଚିତ୍ ଯେ, ସେମାନେ ଏହି ଜଲସାରେ ଏହି ମନୋଭାବ ରଖି ଅଂଶ ଗ୍ରହଣ କରିଛନ୍ତି ଯେ, ସେମାନେ ନିଜ ହୃଦୟରେ ଯଥାସମ୍ଭବ ତକ୍ୱା ସୃଷ୍ଟି କରିବେ ଏବଂ ନିଜର ଜ୍ଞାନାତ୍ମକ, ବ୍ୟାବହାରିକ ଏବଂ ଆଧ୍ୟାତ୍ମିକ ଅବସ୍ଥାକୁ ଉତ୍ତମରୂପେ ପରିମାର୍ଜିତ କରିପାରିବେ । ଠିକ୍ ସେହିପରି ଯଦି ଜଲସାରେ କର୍ମରତ ଥିବା କର୍ମୀମାନେ ଏହି ଉଦ୍ଦେଶ୍ୟ ନେଇ ବା ମନୋଭାବ ରଖି ସେବା କରିବେ ତାହାହେଲେ କୌଣସି ପ୍ରକାରର ବୈରାଗ୍ୟ, ଦ୍ୱନ୍ଦ୍ୱ, ଦ୍ୱେଷ, ଆପତ୍ତି ଓ ଅଭିଯୋଗ ସେମାନଙ୍କ ବିରୁଦ୍ଧରେ ଆଦୌ ଶୁଣିବାକୁ ମିଳିବ ନାହିଁ ଏବଂ ଏପରି ଉତ୍କଟ ପରିସ୍ଥିତ ଉପୁଜିବ ନାହିଁ ।

ପୁନଶ୍ଚ ଜର୍ମାନୀରେ ରହୁଥିବା ଅତିଥିମାନଙ୍କୁ ଏହା ମଧ୍ୟ ମନେରଖିବା ଉଚିତ୍ ଯେ,ସେମାନେ ଗୋଟିଏ ଦୃଷ୍ଟିକୋଣରୁ ଅତିଥି ଅଟନ୍ତି ଏବଂ ଅନ୍ୟ ଦୃଷ୍ଟିକୋଣରୁ ସେମାନେ ଅତିଥି ସତ୍କରାକ ଅଟନ୍ତି । ଯେଉଁ ଅତିଥିମାନେ ଅନ୍ୟ ଦେଶରୁ ଆସିଛନ୍ତି ସେହି

ଅତିଥିମାନଙ୍କ ପାଇଁ ଜର୍ମାନୀର ଅତିଥି ସତ୍କାରକଙ୍କୁ ତ୍ୟାଗପୂତଃ ମନୋଭାବ ରଖିବା ଦରକାର । ଅତିଥିମାନଙ୍କୁ ବସିବା ପାଇଁ ଜାଗା ଦେବା ଦରକାର ଏବଂ ଖାଇବା ସମୟରେ ଯଦି ଜାଗାର ଅଭାବ ରହିଛି ତେବେ ସେକ୍ଷେତ୍ରରେ ସତ୍କାରକମାନଙ୍କୁ ଆଗେ ଅତିଥିମାନଙ୍କୁ ଖାଇବା ପାଇଁ ଜାଗା ଦେବା ଦରକାର୍ । ଯଦି କୌଣସି ପ୍ରକାର ସାହାଯ୍ୟର ଆବଶ୍ୟକତା ରହିଛି ତେବେ ଆପଣମାନେ ସମସ୍ତେ ଯଥାସମ୍ଭବ ସେମାନଙ୍କୁ ସାହାଯ୍ୟ କରନ୍ତୁ । ସେହିପରି ସଂପ୍ରଦାୟ ବହିର୍ଭୁକ୍ତ ଅନ୍ୟ ଯେଉଁ ଅତିଥିମାନେ ଜଲସାକୁ ଆସିଛନ୍ତି ସେମାନଙ୍କ ପ୍ରତି ପ୍ରତ୍ୟେକ ଅହମଦିମାନଙ୍କୁ ସଦୟ ହୋଇ ନିଜର ସଚ୍ଚରିତ୍ର ନମୁନା ପ୍ରଦର୍ଶନ କରନ୍ତୁ । କାରଣ ଆପଣମାନଙ୍କର ଏପରି ବ୍ୟାବହାରିକ, ସଚ୍ଚରିତ୍ର ନମୁନା ପ୍ରଦର୍ଶନ କରିବା ଦ୍ୱାରା ହିଁ ସେହି ସଂପ୍ରଦାୟ ବହିର୍ଭୁକ୍ତ ଅତିଥିମାନେ ଇସଲାମର ଏପରି ସୌନ୍ଦର୍ଯ୍ୟରୂପୀ ଶିକ୍ଷା, ସାଂସ୍କୃତିକ ପରିବେଶ ଓ ଦୃଶ୍ୟକୁ ଦେଖି ଆକର୍ଷିତ ହେବେ । ଅର୍ଥାତ୍ ଯେଉଁଠାରେ ପ୍ରତ୍ୟେକ ଅହମଦି ବିନମ୍ରତା, ସଦୟ ତଥା କୋମଳ ହୋଇ ପାରସ୍ପାରିକ ଭ୍ରାତୃତ୍ୱତାକୁ ଆଦର୍ଶ ବୋଲି ଗଢୁଥିବ ସେଠାରେ ଏହିପରି ସୁସୁନ୍ଦର ଦୃଶ୍ୟଗୁଡ଼ିକ ପରିଲକ୍ଷିତ ହେବ । ସେହିପରି ବଜାରରେ ମଧ୍ୟ ସେହି ସମୟରେ ଯାଆନ୍ତୁ ଯେତେବେଳେ କି ଆପଣମାନଙ୍କୁ ଅତିରିକ୍ତ ବା ଫୁରସତ ସମୟ ମିଳିବ । କେତେକ କ୍ଷେତ୍ରରେ ଏହା ମଧ୍ୟ ଦେଖିବାକୁ ମିଳିଥାଏ ଯେ,କେତେକ ଲୋକମାନେ ଜୋର୍ ଦେଇ କହନ୍ତି *'ଆମେ ଯିବୁ ମାନେ ଯିବୁ'* ଆମକୁ ଭୋକ ଲାଗୁଛି ସେମାନଙ୍କ ନିମନ୍ତେ ଅତିଥିସତ୍କାର ବିଭାଗକୁ ଏଥି ନିମନ୍ତେ ଯଥୋଚିତ୍ ବ୍ୟବସ୍ଥା କରିବା ଦରକାର୍ । ପୁନଶ୍ଚ ପୁରୁଷ ଓ ସ୍ତ୍ରୀମାନଙ୍କର ବଜାର ରହିଛି ସେଠାରେ ମଧ୍ୟ ଜଲସାର ପବିତ୍ରତାକୁ ଦୃଷ୍ଟିରେ ରଖି ଅର୍ଥାତ୍ قُوۡلُوۡا لِلنَّاسِ حُسۡنًا ଅର୍ଥାତ୍ ଲୋକମାନଙ୍କ ସହିତ ବିନୀତ ବ୍ୟବହାର କରିବ ଯାହାକି କୁରାନ କରିମର ଆଦେଶ ଅଟେ ଏବଂ ଯାହା ସଂପର୍କରେ ମୁଁ ପୂର୍ବେ ଆଲୋଚନା କରସାରିଛି ଯେ, ତାହା କେବଳ ଜଲସାର କର୍ମୀମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ପ୍ରତ୍ୟେକ ମୁସଲମାନମାନଙ୍କ ପାଇଁ ଉଦ୍ଦିଷ୍ଟ । ବିଶେଷ କରି ପ୍ରତ୍ୟେକ ଅହମଦିକୁ ଉପରୋକ୍ତ କଥାଗୁଡ଼ିକୁ ମନେରଖିବା ଉଚିତ୍ ।

ସୁତରାଂ କୁରାନ୍ କରିମର ଆଦେଶାନୁଯାୟୀ ଅତିଥିମାନଙ୍କ ପ୍ରତି ଶିଷ୍ଟତା ପ୍ରଦର୍ଶନ କରନ୍ତୁ । ଜଲସାରେ ଅଂଶଗ୍ରହଣ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ କୁରାନ୍ କରିମର ଏହି ନିୟମାଦେଶ ରହିଛି । ଯେତେବେଳେ ଜଲସାର କାର୍ଯ୍ୟକ୍ରମ ଚାଲିଥିବା ସେତେବେଳେ ବିନା କୌଣସି ବାଧ୍ୟ ବାଧକତା ବ୍ୟତୀତ ଜଲସା ସ୍ଥଳୀରୁ ଉଠି ବାହାରକୁ ଯିବା ଅନୁଚିତ୍ । ବରଂ ଜଲସାର କାର୍ଯ୍ୟକ୍ରମ ଗୁଡିକୁ ଶୁଣନ୍ତୁ । ପ୍ରତ୍ୟେକ ଭାଷଣରେ ପ୍ରତ୍ୟେକ ଅହମଦିଙ୍କ ପାଇଁ କିଛି ନା କିଛି ଶିକ୍ଷା ରହିଥାଏ ଯାହାକି ତାହାର ଜୀବନକୁ ସରସ ସୁନ୍ଦର କରିବା ପାଇଁ ଅବଶ୍ୟକ ହୋଇଥାଏ । ସେହିପରି ଜଲସା ଚାଲିଥିଲା ସମୟରେ ମଧ୍ୟ ଏବଂ ଚଲାବୁଲା କଲାବେଳେ ମଧ୍ୟ ଜିକ୍ରେ ଇଲାହି (ଅର୍ଥାତ୍ ଇଶ୍ୱରଙ୍କ ନାମ ଜପ କରିବା) ତଥା ଦୁରୁଦ୍ ଓ ଇସ୍ତେଗଫାର୍ ପଢିବା ଦରକାର୍ । କାରଣ ଏହା ପ୍ରତ୍ୟେକଙ୍କ ବ୍ୟକ୍ତିଗତ ପରିସ୍ଥିତିକୁ ସୁଧାରିବାରେ ସହାୟକ ହୋଇଥାଏ ଏବଂ ସାମୁଦାୟିକ ପରିସ୍ଥିତିକୁ ସୁଦୃଢ ତଥା ସୁଧାରିବାର ଏକ ମାଧ୍ୟମରେ ପରିଣତ ହୋଇଥାଏ ଏବଂ ସମଗ୍ର ମୁସଲିମ୍ ଜାତି ଯେଉଁ ଯୁଗ ମଧ୍ୟ ଦେଇ ଗତିକରୁଅଛି ତାହାର ଉତ୍ତମ ତଥା ସୁସଂହତ ପରିସ୍ଥିତି ସୃଷ୍ଟି ହେବା ନିମନ୍ତେ ମଧ୍ୟ ପ୍ରାର୍ଥନା କରନ୍ତୁ । ଅହମଦିମାନଙ୍କ ଉପରେ ଏହି ଗୁରୁଦାୟୀତ୍ୱଟି ନ୍ୟସ୍ତ ହେଉଛି ସେମାନେ ଆଁହଜ଼ରତ୍ ସ.ଅଙ୍କ ଉପରେ ଅଧିକରୁ ଅଧିକ ଦରୁଦ୍ ଶରିଫ୍ ପ୍ରେରଣ କରନ୍ତୁ ଏବଂ ଇସଲାମର ଉନ୍ନତି ପଇଁ ମଧ୍ୟ ଆପ୍ରାଣ ଚେଷ୍ଟା କରନ୍ତୁ । ଏହି ଦେଶମାନଙ୍କର ଅଧିବାସୀ ହୋଇ କେବଳ ନିଜର ସାଂସାରିକ ସୁଃଖସ୍ୱାଚ୍ଛନ୍ଦ୍ୟକୁ ପୂର୍ଣ୍ଣ କରିବାରେ ନିମଜ୍ଜିତ ହୁଅନ୍ତୁ ନାହିଁ ବରଂ ନିଜ ଭିତରେ ଏକ ପବିତ୍ର ପରିବର୍ତ୍ତନ ଆଣିବା ପାଇଁ ଚେଷ୍ଟା କରନ୍ତୁ । ଦୁରୁଦ୍ ବ୍ୟତୀତ ଅନ୍ୟ ଜିକ୍ରେ ଇଲାହି ଦ୍ୱାରା ନିଜର ତୁଣ୍ଡକୁ ଆର୍ଦ୍ରତା ସିକ୍ତ ରଖନ୍ତୁ । ମୋର ଅଲ୍ଲାଃତାଲାଙ୍କ ନିକଟରେ କେବଳ ଏତିକି ପ୍ରାର୍ଥନା ଯେ,ସେ ଆମମାନଙ୍କୁ ଜଲସା ସାଲାନାର ଉଦ୍ଦେଶ୍ୟକୁ ସାଫଲ୍ୟ ମଣ୍ଡିତ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଏହାର ବରକାତରୁ ଆମକୁ ଗୋଟିଏ ଅଂଶ ପ୍ରଦାନ କରନ୍ତୁ । ନାରୀମାନେ ନିଜର ସ୍ୱାମୀ ଏବଂ ସନ୍ତାନ ସନ୍ତତିମାନଙ୍କ ପାଇଁ ଦୁଆ ବା ପ୍ରାର୍ଥନା କରନ୍ତୁ ଯେ,ଅଲ୍ଲାଃତାଲା ସର୍ବଦା ସେମାନଙ୍କୁ ଇସାଲମ୍ ଧର୍ମରେ ଅଟଳ ଏବଂ ଅବିଚଳ ରଖନ୍ତୁ ଏବଂ ପ୍ରତ୍ୟେକ ବିପତ୍ତି ତଥା ପରୀକ୍ଷାରୁ ସୁରକ୍ଷିତ ରଖନ୍ତୁ ଯାହାଦ୍ୱାରା ଧର୍ମର ଅର୍ଥାତ୍ ସେମାନଙ୍କ ଇମାନରେ ହାନୀ ଘଟିବାର ଭୟ ରହିଥାଏ ସର୍ବଦା صراط مستقیم ଉପରେ ଚାଲିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ବିଶେଷକରି ଏହି ଦିନମାନଙ୍କରେ ଏବଂ ସାଧାରଣ ଦିବସରେ ମଧ୍ୟ ନିଜ ଉପରେ ନମାଜ଼ ବାଜାମତକୁ ନିୟମିତ ରୂପେ ଅନିର୍ବାର୍ଯ୍ୟ କରନ୍ତୁ । ବିଶେଷକରି ଏଠାରେ ବାସବାସ କରୁଥିବା ଲୋକମାନେ ନମାଜ଼େ ଫଜରରେ ନିଶ୍ଚିତରୂପେ ଶାମିଲ ହୁଅନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜର ପ୍ରସନ୍ନତା ଅନୁଯାୟୀ ଜୀବନଯାପନ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ହଜ଼ରତ୍ ମସିଃ ମଉଦ୍ ଅ.ସଙ୍କ ଜମାତରେ ଶାମିଲ ହେବାର ଯେଉଁ ଜୀବାସ୍ତ ବା ଅଭିପ୍ରାୟରହିଛି ତାହକୁ ହୃଦୟଙ୍ଗମ କରି ଦାୟୀତ୍ୱ ବହନ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହଜୁରତ୍ ମସିଃ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଯେପର୍ଯ୍ୟନ୍ତ ଆମର ଜମାତ୍ ତକ୍ୱାକୁ ଅତଳ ଗହ୍ୱରରୁ ଓ ସ୍ୱଇଚ୍ଛାର ସହ ଗ୍ରହଣ କରି ନାହିଁ ସେପର୍ଯ୍ୟନ୍ତ ମୋକ୍ଷ ପ୍ରାପ୍ତ କରିପାରିବ ନାହିଁ ଏବଂ ଅଲ୍ଲାଃତାଲା ସେମାନଙ୍କୁ ନିଜର ସୁରକ୍ଷା ବଳୟରେ ସୁରକ୍ଷା ଦେଇପାରିବେ ନାହିଁ । ପୁନଶ୍ଚ ହୁଜୁର୍ ଅ.ସ କହନ୍ତି ନିଜର ଘରଗୁଡ଼ିକୁ ଜିକ୍ରେ ଇଲାହି ଦ୍ୱାରା ପରିପୂର୍ଣ୍ଣ କରି ଏବଂ ଦାନ ଦକ୍ଷିଣା ଦେଇ ପାପରୁ ମୁକ୍ତି ପାଆନ୍ତୁ । କାରଣ ଅଲ୍ଲାଃତାଲା ତୁମ ଉପରେ ନିଜର ଅଶେଷ ଦୟା ଅବତୀର୍ଣ୍ଣ କରିବେ । ଅଲ୍ଲାଃତାଲା କରନ୍ତୁ ଯେ,ଆମେମାନେ ହଜ଼ରତ୍ ମସିଃ ମଉଦ୍ ଅ.ସଙ୍କ ଅଭିଳାଷା ଅନୁଯାୟୀ ନିଜର ଜୀବନ ଭଲଭାବରେ ଅତିବାହିତ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ଜଲସାର ଲାଭ, ଯଶରୁ ଲାଭାନ୍ୱିତ ହେବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ହଜ଼ରତ୍ ମସିଃ ମଉଦ୍ ଅ.ସଙ୍କ ପ୍ରାର୍ଥନା ଯାହାକି ସେ ଜଲସା ସାଲାନାରେ ଅଂଶଗ୍ରହଣକାରୀଙ୍କ ସଂପର୍କରେ କରିଛନ୍ତି ତହିଁରୁ ସେହି ଜଲସା ଦିନରେ ଏବଂ ପରବର୍ତ୍ତୀ ଦିନରେ ମଧ୍ୟ ଏକ ଅଂଶ ପାଇବାର ସାମର୍ଥ୍ୟ ପ୍ରଦାନ କରନ୍ତି ଏବଂ ପରବର୍ତ୍ତୀ ସମୟରେ ଆମେ ସେହି ଅଂଶର ଉତ୍ତରାଧିକାରୀ ବୋଲି ବିବେଚିତ ହେଉ । ଅଲ୍ଲାଃତାଲା ସର୍ବଦା ଆମମାନଙ୍କୁ ପୁଣ୍ୟ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

......................

**Khulasa Khutba Juma Huzoor Anwar a.b.a**
**07th SEP 2018**

..............